**ବେଡ଼ାପଡ଼ା ଗୋଷ୍ଠୀ ସଂଘର୍ଷରେ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ**

ରାସୋଳ (ସରୋଜ ମିଶ୍ର): ଢେଙ୍କାନାଳ ଜିଲା ରାସୋଳ ଥାନାର ବେଡ଼ାପଡ଼ା ଗ୍ରାମ ଗୋଷ୍ଠୀ ସଂଘର୍ଷ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ନାଏକ(୪୭)ଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି । ପ୍ରଶାନ୍ତଙ୍କୁ ଉପର ବାହାଲୁଣ୍ଡିସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିଥିଲା । ପ୍ରଶାନ୍ତ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିଲେ । ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଗ୍ରାମରେ ସ୍ଥିତାବସ୍ଥା ରହିବା ସହିତ ପୋଲିସ ଫୋର୍ସ ଜଗି ରହିଛନ୍ତି ବୋଲି ରାସୋଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର ସୂଚନା ଦେଇଛନ୍ତି ।

# ‘ଶ୍ରୁତି ନାଟକର ମନସ୍ତାତ୍ତ୍ୱିକ ପ୍ରଭାବ ଖୁବ୍ ଶକ୍ତିଶାଳୀ’



**ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ‘ନାଟକ ପଠନ ସନ୍ଧ୍ୟା’**

ଢେଙ୍କାନାଳ,୩୧।୧(ରତନ ନାୟାର)

ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ନାଟକକୁ ନେଇ ଏକ ଭିନ୍ନ ପ୍ରୟାସ ‘ନାଟକ ପଠନ ସନ୍ଧ୍ୟା’ ଗୁରୁବାର ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଅନୁଷ୍ଠାନର ନାଟ୍ୟ ଶିକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାଷା ଗବେଷକ, ଗ୍ରନ୍ଥକାର ପଦ୍ମଶ୍ରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର କାର୍ଯ୍ୟକ୍ରମରେ ଶୁଭାରମ୍ଭ କରି କହିଲେ ଯେ, ଶ୍ରୁତି ନାଟକର ମନସ୍ତାତ୍ତ୍ୱିକ ପ୍ରଭାବ ଖୁବ୍ ଶକ୍ତିଶାଳୀ । ନାଟକ ଏକ ଦୃଶ୍ୟକାବ୍ୟ ହୋଇଥିବା ବେଳେ ଏହାର ଦୃଶ୍ୟ ସଂରଚନା ଯେତିକି ଆକର୍ଷଣୀୟ, ଏହାର କାବ୍ୟ ବିଭବ ମଧ୍ୟ ସେତିକି ମର୍ମସ୍ପର୍ଶୀ । ତେଣୁ ନାଟକର ମଂଚନ ଅନେକ ସମୟରେ ହେଉଥିବା ବେଳେ ଢେଙ୍କାନାଳରେ ପ୍ରଥମ କରି ‘ନାଟକ ପଠନ ସନ୍ଧ୍ୟା’ ଆୟୋଜନ କରାଯାଇଥିଲା । ପ୍ରଥମ ନାଟକ ଭାବରେ ନାଟ୍ୟକାର ଦିନେଶ ଦାସଙ୍କ ଦ୍ୱାରା ରଚିତ ନାଟକ ‘ଦେବଦାସୀ’କୁ କଳାକାରମାନେ ବାଚିକ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ । ବିଭିନ୍ନ ଭୂମିକାରେ ମନୋହର ଶତପଥୀ, କାମାକ୍ଷା ପ୍ରସାଦ ରଣା, ଦିନେଶ ଦାସ, ଜୟଦେବ ଶତପଥୀ, ଜୟଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାନ୍ତି, ଦେବଜାନୀ ଦାସ, ପ୍ରମୋଦ କୁମାର ଦାସ, ସୁଭାସିନୀ ସେଠୀ, କାର୍ତ୍ତିକ ମହାପାତ୍ର, ଆଶୁତୋଷ ପାଢ଼ୀ, ସତ୍ୟଜିତ ରାଉତ, ବିଶ୍ୱଜିତ ସାହୁ, ମାନସ କୁମାର ସାହୁ, ମାଧବ ହେମ୍ବ୍ରମ, ସାଲ୍‌ଭି ଦାସ ଏବଂ ବାବି ପ୍ରମୁଖ ବାଚିକ ଅଭିନୟ ପରିବେଷଣ କରିଥିଲେ । ନାଟକ ପଠନ ପୂର୍ବରୁ ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି)ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତି, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଡେପୁଟି ସେକ୍ରେଟାରୀ (ଡ୍ରାମା) ସୁମନ କୁମାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡ. ସତ୍ୟବ୍ରତ ରାଉତ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡ. ରମେଶଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଟ୍ୟକାର ମନ୍ମଥ ଶତପଥି, ବିଶିଷ୍ଟ ନାଟ୍ୟକାର ତଥା ଉପନ୍ୟାସକାର ମହେନ୍ଦ୍ର ଭୀଷ୍ମ, ନାଟ୍ୟକାର ଡଃ ଦ୍ୱାରିକାନାଥ ନାୟକ ଓ ଭାସ୍କର ମହାପାତ୍ରଙ୍କ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷା ଡଃ ପୁଷ୍ପଲତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶ୍ରୋତାମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡଃ ନିର୍ମଳ ସୁନ୍ଦର ମିଶ୍ର, ବିଶିଷ୍ଟ ଶିକ୍ଷାବିତ ପ୍ରଦ୍ୟୁମ୍ନ ପ୍ରସାଦ ରଥ, ସନ୍ଧ୍ୟାତାରା ସାହିତ୍ୟ ସଂସଦର ମୁଖ୍ୟ ଶରତ ମିଶ୍ର ଭରଦ୍ୱାଜ, କବି ବାହାଦୁର ପାଟସାହାଣି, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ନାଟକ ଶୁଣିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ ଏବଂ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରୀଛାତ୍ର ଯୋଗଦେଇଥିଲେ । ଆସନ୍ତା ଫେବୃଆରୀ ୨୭ ତାରିଖ, ଶେଷ ଗୁରୁବାର ସନ୍ଧ୍ୟା ୭ଟାରେ ଡଃ. ବିଜୟ ମିଶ୍ରଙ୍କ ବହୁ ଚର୍ଚ୍ଚିତ ନାଟକ ‘ତଟ ନିରଞ୍ଜନା’ ପାଠ କରାଯିବ ବୋଲି ଅଲ୍‌ଟର୍‌ନେଟିଭ୍ ରିଦମ୍ ଥିଏଟର୍ ପକ୍ଷରୁ ସୂଚନା ଦିଆଯାଇଛି ।

# ଢେଙ୍କାନାଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଦାବି



ଢେଙ୍କାନାଳ,୩୧।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ନୂଆ ନାଗେନାସ୍ଥିତ ସମ୍ବିତ ଇକୋ ଗାର୍ଡେନ ପରିସରରେ ଶୁକ୍ରବାର ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଉପସ୍ଥିତିରେ ଏକ ସମାବେଶ ଅନୁଷ୍ଠିତ ହୋଇ ଢେଙ୍କାନାଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା । ଏଥିରେ ଗଁଦିଆ ସମେତ ସଦର ବ୍ଲକ ଓ ଢେଙ୍କାନାଳ ପୌରାଞ୍ଚଳର ବହୁ ରାଜନୈତିକ ବ୍ୟକ୍ତିବିଶେଷ ଯୋଗଦେଇ ଢେଙ୍କାନାଳର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବା ଦୃଷ୍ଟିରୁ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନେଇ ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଚିକିତ୍ସାଳୟରେ ଡାକ୍ତର ପଦବୀ ପୂରଣ କରିବା, ଗଁଦିଆ ମେଡିକାଲରେ ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ କରିବା, ଗଁଦିଆକୁ ଏନ୍‌ଏସି ଘୋଷଣା କରିବା, ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପ୍ରକ୍ରିୟାରେ ଗଁଦିଆ ନିର୍ବାଚନ ମଣ୍ଡଳୀକୁ ଅନ୍ତର୍ଭୁକ୍ତ କରିବା, କପିଳାସ-ସପ୍ତଶଯ୍ୟା ଓ ମହିମାଗାଦୀର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନେବା, ଯୋରନ୍ଦା ଓ ଭାପୁର ଫାଣ୍ଡିକୁ ଥାନାରେ ପରିଣତ କରିବା, ଢେଙ୍କାନାଳର କୃଷିଭିତ୍ତିକ ଶିଳ୍ପ ଗୋବିନ୍ଦପୁର ସୂତାକଳ ଓ ମ୍ୟାଙ୍ଗୋ ହବ୍‌କୁ ପୁନରୁଦ୍ଧାର କରିବା, ବ୍ରାହ୍ମଣୀ ନଦୀ କୂଳରେ ଥିବା ୮ଟି ପଞ୍ଚାୟତରେ ମେଗା ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, ଢେଙ୍କାନାଳରେ ଅତି କମରେ ୩ଟି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ପାଇଁ ଉପସ୍ଥିତ ବକ୍ତାମାନେ ଅନୁରୋଧ କରିଥିଲେ । ଗଁଦିଆର ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ସିଂହ, ସନାତନ ସାହୁ, ରମେଶ ରାଉତ, ଗୋବର୍ଦ୍ଧନ ନାୟକ, ସୁଖବନ୍ଧୁ ଦାସ, ଢେଙ୍କାନାଳ ପୌରସଂସ୍ଥାର ପୂର୍ବତନ ଉପାଧ୍ୟକ୍ଷା ସୁମିତ୍ରା ଭୋଇ, ମାନସ ବାଘ, ଲିଙ୍ଗରାଜ ସାହୁ, ସୁବ୍ରତ ନନ୍ଦ, ଶେଷାନନ୍ଦ ମିଶ୍ର, କପିଳାସ ସେବାୟତ ସଂଘ ସମ୍ପାଦକ ଗୁରୁଚରଣ ମହାପାତ୍ର, ବସନ୍ତ ମଲ୍ଲିକ, ଗୋପାଳ ମହାରଣା, ପ୍ରମୋଦ ପ୍ରଧାନ, ଅସିତ ମହାନ୍ତି, ଭାଗ୍ୟବାନ ପ୍ରଧାନ, ସରୋଜ ମହାଳିକ, ଶ୍ରୀଧର ପାତ୍ର ଓ ଟଙ୍କଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଢେଙ୍କାନାଳ କଲେଜରେ କ୍ୟାମ୍ପସ୍ ଡ୍ରାଇଭ୍



ଢେଙ୍କାନାଳ,୩୧।୧(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ଆଣ୍ଡ୍ ପ୍ଲେସମେଣ୍ଟ ସେଲ ଏବଂ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ କୋ. ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ପାଠାଗାର କକ୍ଷରେ ଗୁରୁବାର ଏକ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଉଦଘାଟନ କରି ନିଯୁକ୍ତି ଆଶାୟୀମାନଙ୍କୁ ଇନସ୍ୟୁରାନ୍ସ କ୍ଷେତ୍ରରେ ବୃତି ନିମନ୍ତେ ଉତ୍ସାହିତ କରିଥିଲେ । କ୍ୟାରିୟର କାଉନସେଲିଂ ଆଣ୍ଡ ପ୍ଲେସମେଣ୍ଟ ସେଲ ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପିକା ସୁମିତ୍ରା ବେହେରା ଏହିଭଳି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶିବିରରେ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ କୋ. ଲିମିଟେଡର ବରିଷ୍ଠ ଅଧିକାରୀ ମନୋଜ ତ୍ରିପାଠୀ, ଟିମ୍ ମ୍ୟାନେଜର ଶକ୍ତି ସ୍ୱରୁପ ଚୌଧୁରୀ ଓ ଆସୋସିଏଟ୍ ଅମନ କୁମାର ସାହୁ ନିଯୁକ୍ତି ଆଶାୟୀଙ୍କୁ ମନୋନୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରିଥିଲେ । ନିଯୁକ୍ତି ପରିଚାଳନା ଶିବିରରେ ଅଧ୍ୟାପକ ଅଦ୍ୱୈତ କୁମାର ସାହୁ, ଅଧ୍ୟାପିକା ଡ. ସୁଜାତା ସାହୁ, ସସ୍ମିତା ସାହୁ, ଚିତ୍ରାଞ୍ଜଳି ଜେନା, ଗ୍ରନ୍ଥାଗାରିକ ସୁବାଶିଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା କଳ୍ପନା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରତ୍ୟେକ ଜୀବନ ଅମୂଲ୍ୟ, ଏହାକୁ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ

**ସଡ଼କ ସୁରକ୍ଷା ମାସ ପାଳନ ଉଦ୍‌ଯାପିତ**



ଢେଙ୍କାନାଳ,୩୧।୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ଜାନୁଆରୀ ପହିଲାରୁ ପାଳିତ ହେଉଥିବା ସଡ଼କ ସୁରକ୍ଷା ମାସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ସହରସ୍ଥିତ ଗାନ୍ଧୀମାର୍ଗ ରାସ୍ତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି, ପ୍ରତ୍ୟେକଙ୍କର ଜୀବନ ଅମୂଲ୍ୟ । ଏହାକୁ ରକ୍ଷା କରିବା ସମସ୍ତଙ୍କ ଦାୟିତ୍ୱ । ପିଲାମାନେ ନିଜର ଅଭିଭାବକମାନଙ୍କୁ ନିଶ୍ଚିତ ହେଲମେଟ୍ ପିନ୍ଧିବାକୁ ଅନୁରୋଧ କରନ୍ତୁ । କାର୍ଯ୍ୟକ୍ରମରେ ଯୋଗଦେଇ ଏସ୍‌ପି ଅଭିନବ ସୋନକର କହିଛନ୍ତି, ସମସ୍ତେ ସଚେତନ ହେଲେ, ଦୁର୍ଘଟଣାରୁ ଆମେ ବଞ୍ଚିପାରିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇ ପାରିବା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ଜୀବନ ବଞ୍ଚାଇଥିବା ଗୁଡ୍ ସମରିଟାନମାନଙ୍କୁ ପୁରସ୍କୃତ କରାଯାଇଥିଲା । ସକାଳେ ବାଜିରାଉଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଗାନ୍ଧିମାର୍କ ସ୍ଥିତ ଉତ୍ସବ ସ୍ଥଳରେ ପହଁଚିଥିଲା । କାର୍ଯ୍ୟକ୍ରମରେ ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଉପସ୍ଥିତ ଥିଲେ । ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଢେଙ୍କାନାଳ,୩୧।୧(ରତନ ନାୟାର)

ସଂସଦରେ ଶୁକ୍ରବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ପ୍ରତି ଦେଇଥିବା ମନ୍ତବ୍ୟକୁ ନେଇ ସନ୍ଧ୍ୟା ୭ଟାରେ ଢେଙ୍କାନାଳରେ ଭାଜପା ପକ୍ଷରୁ ଏହାର ତୀବ୍ର ପ୍ରତିବାଦ କରାଯିବା ସହ ନିନ୍ଦା ମଧ୍ୟ କରାଯାଇଛି । ସହରସ୍ଥିତ ଗୋପବନ୍ଧୁ ଟାଉନ ହଲଠାରେ ଭାଜପା ନେତୃବୃନ୍ଦ ସୋନିଆଙ୍କ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିବାଦ କରିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ । ଏହି ଅବସରରେ ପୂର୍ବତନ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ଓ ପୂର୍ବତନ ପୌରାଧ୍ୟକ୍ଷ ସୁନିଲ ଶର୍ମା କହିଲେ ଯେ, ଭାରତବର୍ଷର ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରପତିଙ୍କ ପ୍ରତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଅତ୍ୟନ୍ତ ଅରୁଚିକର, ନିନ୍ଦନୀୟ ଶବ୍ଦ ପ୍ରୟୋଗ କରିବା ସହିତ ଅସମ୍ମାନ କରିଛନ୍ତି । ଏଥିସହିତ ତାଙ୍କୁ ଅପମାନିତ ମଧ୍ୟ କରିଛନ୍ତି । ଏଥିରୁ ଜଣେ ମହିଳା ତଥା ପଛୁଆବର୍ଗ ଓ ଅନୁସୂଚିତା ଜାତି ଲୋକଙ୍କ ପ୍ରତି କଂଗ୍ରେସ ଦଳର କିଭଳି ଭାବନା ତାହା ସ୍ପଷ୍ଟ ଅନୁମେୟ । ଏହାକୁ ନେଇ ସମଗ୍ର ଭାରତ ଏବଂ ଓଡ଼ିଶାବାସୀ ତୀବ୍ର ନିନ୍ଦା କରିଛନ୍ତି । କଂଗ୍ରେସ ଦଳ ବାରମ୍ବାର ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଉଭୟ ନେତୃବୃନ୍ଦ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଦୀପକ ପ୍ରସାଦ ପଟ୍ଟନାୟକ, ନିରୋଦ ସାହୁ, ବିଘ୍ନେଶ୍ୱର ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।



# ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ



କାମାକ୍ଷାନଗର, ୩୧।୧(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତିର ୮ମ ସାଧାରଣ ବୈଠକ ଶୁକ୍ରବାର ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ରଞ୍ଜିତ ଜେନା ସ୍ୱାଗତ ଭାଷଣ ଦେଇଥିଲେ । ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳଗତ ନିର୍ବିଶେଷରେ ଆଗେଇ ଆସି ସାଧାରଣ ଲୋକଙ୍କ ଉନ୍ନତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ, ଦୃଢ଼ ଇଚ୍ଛା ଶକ୍ତି ଦରକାର । ଏଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀ ମନୋନିବେଶ କରିବାକୁ କହିଥିଲେ । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଏମ୍‌ଏନ୍‌ଆର୍‌ଇଜିଏସ୍, ଗମନାଗମନ, ଶିଶୁବିକାଶ, ଖାଉଟି କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ପରଜଙ୍ଗ ବିଧାୟକଙ୍କ ପ୍ରତିନିଧି ମୀନକେତନ ନାୟକ, ଉପାଧ୍ୟକ୍ଷା ରଂଜିତା ବିଶ୍ୱାଳ, ଜିଲାପରିଷଦ ସଭ୍ୟ ଅଶୋକ କୁମାର ବେହେରା, ଅଶାନ୍ତୀ ସେଠୀ, ଦିପ୍ତିମୟୀ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭାରପ୍ରାପ୍ତ ବିଡିଓ ତଥା ତହସିଲଦାର ପ୍ରିୟବ୍ରତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସୋନିଆ, ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ପରଜଙ୍ଗ,୩୧।୧
(ନିଗମାନନ୍ଦ ଦଳବେହେରା)

ସଂସଦରେ ରାଷ୍ଟ୍ରପତି ତଥା ଓଡ଼ିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ପରଜଙ୍ଗ ଭାଜପା ପକ୍ଷରୁ ଦାହ କରାଯାଇଛି । ଜିଲା ସଭାପତି ରାସବିହାରୀ ବେହେରାଙ୍କ ନେତୃତ୍ୱରେ କଙ୍କଡାହାଡ଼ ଭାଜପା ପକ୍ଷରୁ କଙ୍କଡାହାଡ଼ ବଜାରଠାରେ ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରି ବଜାର ପରିକ୍ରମା କରିବା ସହ କୁଶ ପୁତ୍ତଳିକା ଦାହ କରିଛନ୍ତି । ସେହିପରି ପରଜଙ୍ଗ ବଜାରଠାରେ ମଧ୍ୟ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ସର୍ବସାଧାରଣରେ ସୋନିଆ ଗାନ୍ଧୀ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି ଢେଙ୍କାନାଳ ଜିଲା ସଭାପତି ରାସବିହାରୀ ବେହେରା ।

# ଏସ୍‌ଏସ୍‌ଏସ୍ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ଓଡ଼ାପଡ଼ା, ୩୧।୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଉଡ଼କାଟେଣି ସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଖବରଦାତା ସୁଶାନ୍ତ ପତି , +୩ ବିଭାଗ ଅଧ୍ୟକ୍ଷା ରଶ୍ମିତା ମିଶ୍ର ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ । ଇଂରାଜୀ ଅଧ୍ୟାପକ ସୁଦାମ ଚରଣ ସେଠୀ ଓ ଶିକ୍ଷା ବିଭାଗ ଅଧ୍ୟାପିକା ସସ୍ମିତା ଦାଶ ସଂଯୋଜନା କରିଥିବା ବେଳେ ଇନ୍ଦ୍ରଜିତ ପରିଡା ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଡ. ନରେନ୍ଦ୍ର କୁମାର ସାହୁ, ସରୋଜ କୁମାର ମହାନ୍ତି, ଜଗନ୍ନାଥ ନାୟକ, ଅଧ୍ୟାପିକା ରାଜଶ୍ରୀ ନନ୍ଦ, ମଧୁସ୍ମିତା ଦାଶ, ସୁସଜିତା ସେଠ ପ୍ରମୁଖ ସହଯୋଗ କରିଥିଲେ ।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା: ଜିଲାରୁ ୧୬ ମନୋନୀତ



ଢେଙ୍କାନାଳ,୩୧।୧(ରତନ ନାୟାର)

ମହାରାଷ୍ଟ୍ରର ପୁନେ ସହରସ୍ଥିତ ରାମଚନ୍ଦ୍ର ସଭାଗୃହ ପରିସରରେ ୧ ଓ ୨ ତାରିଖ ଦୁଇଦିନ ଧରି ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ଢେଙ୍କାନାଳ ଜିଲା ଦଳରେ ୧୬ ପ୍ରତିଯୋଗୀ ମନୋନୀତ ହୋଇ ଗୁରୁବାର ଟ୍ରେନ୍ ଯୋଗେ ପୁନେ ଗସ୍ତ କରିଛନ୍ତି । ଏଥିରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଅମ୍ରିତା ସାହୁ, ବିଦୁସ୍ମିତା ବେହେରା, ସାନଭି ସୋନାରିକା ରାଉତ, ପ୍ରୀତିଲଗ୍ନା ଶତପଥୀ, ସିକ୍ରିତି, ସାନଭି ସାଇଲକ୍ଷ୍ମୀ, ଅନ୍ୱେଷା ପାଣିଗ୍ରାହୀ, ପ୍ରତାପ ନାୟକ, ବିଶ୍ୱରଞ୍ଜନ ବେହେରା, ସୌମିକ ମହାନ୍ତି, ପ୍ରିନ୍ସ ପ୍ରଧାନ, ରାଜେନ୍ଦ୍ର ବେଉରା, ସମ୍ରାଟ ଲେଙ୍କା, ଇସାନ ରାଉତ, ଶ୍ରେୟାଂଶ ସ୍ୱାଇଁ, ଅକ୍ଷତ ଯୋଶୀ ପ୍ରମୁଖ ସବ୍ ଜୁନିୟର, କ୍ୟାଡେଟ୍ ଜୁନିୟର ଓ ସିନିୟରରେ ବିଭିନ୍ନ ଓଜନ ବିଭାଗରେ କ୍ୟୁରୋଗୀ, ପୁମସେ, ସ୍ପିଡ୍‌କିକ୍, ଜମ୍ପିଂକିକ୍ ଓ ଆତ୍ମରକ୍ଷା କୌଶଳ ଆଦି ପ୍ରତିଯୋଗିତାର ଭାଗନେବେ । ଦଳର ମ୍ୟାନେଜର ଭାବେ ପ୍ରଶାନ୍ତ ଶତପଥୀ ଓ ନନ୍ଦିନୀ ଲେଙ୍କା ଏବଂ କୋଚ୍ ଭାବେ ଆମେଚର ଟାଏକୋଣ୍ଡୋ ଆସୋସିଏନର ସମ୍ପାଦକ ଇଂ. ସୌମ୍ୟବ୍ରତ ସାହୁ ଦଳ ସହିତ ଗସ୍ତ କରିଛନ୍ତି ।

# ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଖେଳାଳିଙ୍କ ଦିଲ୍ଲୀ ଯାତ୍ରା



ଢେଙ୍କାନାଳ,୩୧।୧(ରତନ ନାୟାର)

ନୂଆଦିଲ୍ଲୀର କେଡି ଯାଦବ ଇନ୍‌ଡୋର ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃୟରୀ ୧ ରୁ ୫ ପର୍ଯ୍ୟନ୍ତ ୪ର୍ଥ ୱାକୋ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଅନୁଷ୍ଠିତ ହେଉଛି । ଏହି ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ୍‌ର ବାଳକ ବିଭାଗରେ ସୁଶୀଲ କୁମାର ରାଉତ, ଚନ୍ଦନ ସାହୁ, ଯୋଗେଶ୍ୱର ସାହୁ, ସୁଧେନ୍ଦ୍ର ନାଥ ପଟ୍ଟନାୟକ, ବାଳିକା ବିଭାଗରେ ସ୍ମୃତି ଭୋଇ, ମାନସୀ ସାହୁ, ରୋସନି ବେଗମ୍ ଏବଂ ମିହିର କୁମାର ସାହୁ ଟିମ୍ କୋଚ୍ ଭାବରେ ଶୁକ୍ରବାର ଯାତ୍ରା କରିଛନ୍ତି । ଏହି ଚାମ୍ପିୟନଶିପ୍ ପାଇଁ ଦଳରେ ଖେଳାଳିମାନେ କଠିନ ଅଭ୍ୟାସ କରିବା ସହିତ ଭଲ ପ୍ରଦର୍ଶନ କରି ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିବେ । ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନ୍‌ର ସଭାପତି ଶଶିକାନ୍ତ ଗଡ଼ନାୟକ, ଉପ ସଭାପତି ସନ୍ତୋଷ କୁମାର ପରିଡ଼ା, ସମ୍ପାଦିକା କିର୍ତ୍ତୀ ରାଣୀ ସାହୁ, ଯୁଗ୍ମ ସମ୍ପାଦକ ବାପି ସାମଲ, କୋଷାଧ୍ୟକ୍ଷ ଅରବିନ୍ଦ ବେହେରା ପ୍ରମୁଖ ସମସ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ଆୟବୃଦ୍ଧି ଆଳକରି କପିଳାସରେ ଯାତ୍ରୀ ଶୋଷଣ ବନ୍ଦ ହେଉ



- କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ଦାବି ଜୋର ଧରିଲା
- ଦୃଷ୍ଟି ଆକର୍ଷଣ ପରେ କାର୍ଯ୍ୟାନୁଷ୍ଠାନ ନାହିଁ

ଢେଙ୍କାନାଳ,୩୧।୧(ରତନ ନାୟାର)

ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପ୍ରତିବର୍ଷ ଦିନକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହେଉଛି । ଏହି ପୀଠଟି ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବେଳେ ବିଭାଗୀୟ ଅବ୍ୟବସ୍ଥା ପାଇଁ କପିଳାସ ପୀଠର ଠାକୁର ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କର ଅଚଳାଚଳ ଭୂସମ୍ପତିରୁ ଆୟ ଆସୁନାହିଁ । କପିଳାସ ପୀଠକୁ ଆସୁଥିବା ଯାତ୍ରୀମାନଙ୍କୁ ଆୟବୃଦ୍ଧି ଆଳକରି କରାଯାଉଥିବା ଶୋଷଣକୁ ବନ୍ଦ କରିବା ପାଇଁ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବିକୁ ଜୋରଦାର କରାଯାଇଛି । ପରିଷଦ ପକ୍ଷରୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପରିଷଦ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ଠାକୁରଙ୍କର ବହୁ ସଂଖ୍ୟାରେ ଜମି ବେଦଖଲ ହୋଇସାରିଲାଣି । ଦେବୋତ୍ତର ବିଭାଗର କର୍ମଚାରୀମାନେ କେବଳ ପୀଠ ଉପରେ ଥିବା ବିଭିନ୍ନ ସୈରାତଗୁଡ଼ିକୁ ନିଲାମ କରୁଛନ୍ତି । ଅତ୍ୟଧିକ ଦରରେ କପିଳାସରେ ଭୋଗ ଦୋକାନ ନିଲାମ ହେବା ଯୋଗୁ ପୀଠରେ ଶ୍ରଦ୍ଧାଳୁମାନଙ୍କୁ ଅଧିକ ଦରରେ ଭୋଗ ବିକ୍ରୟ କରାଯାଉଛି । ଏପରିକି ଭୋଗ ନଡ଼ିଆ ଗୋଟିକ ବଜାର ଦର ହିସାବରେ ୨୦ରୁ ୨୫ଟଙ୍କା ଥିବା ବେଳେ କପିଳାସ ମନ୍ଦିର ନିକଟରେ ଏହାର ଦାମ୍ ୭୦ରୁ ୮୦ଟଙ୍କା ଥିବା ଅଭିଯୋଗ ହୋଇଛି । ମନ୍ଦିରରେ ଭୋଗ ପାଇଁ ହଜାର ଟଙ୍କାର ଭୋଗ କିଣିଲେ ଥାଳି ପୂରୁନଥିବା ବେଳେ ଘିଅଦୀପ ୫ଟଙ୍କା ବଦଳରେ ୫୦ଟଙ୍କା ପଡୁଥିବା ଅଭିଯୋଗରେ ଦର୍ଶାଯାଇଛି । କପିଳାସ ପୀଠରେ ଥିବା ଭୋଗ ଦୋକାନରେ ଦେବୋତ୍ତର ବିଭାଗର କିଛି ନିୟନ୍ତ୍ରଣ ନ ଥିବାରୁ ପୀଠ ଉପରେ ଯାତ୍ରୀମାନଙ୍କୁ ଅତ୍ୟଧିକ ଶୋଷଣ କରାଯାଉଥିବା ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି । ସେହିପରି ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ପାଦ ଦେଶରେ ଥିବା ଟୋଲଗେଟ୍ ନିଲାମ ଦିଆଯାଇଥିବା ବେଳେ ଏହି ଗେଟ୍‌ଗୁଡିକରେ ଯେଉଁ ଗାଡ଼ିଗୁଡ଼ିକ କପିଳାସ ପୀଠକୁ ଯାଉଛନ୍ତି, ସେମାନଙ୍କ ଠାରୁ ଟୋଲ ଫି ଓ ପାର୍କିଂ ଫି ଜୋର ଜବରଦସ୍ତ ଆଦାୟ ହେଉଛି । ଖାଲି ପ୍ରାଣୀ ଉଦ୍ୟାନ ଓ ସାଇନ୍ସ ପାର୍କକୁ ଯାଉଥିବା ଯାତ୍ରୀମାନଙ୍କଠାରୁ ଜୋର ଜବରଦସ୍ତ ଟୋଲ ଫି’ ଓ ପାର୍କିଂ ଫି’ ମଧ୍ୟ ଆଦାୟ କରାଯାଉଛି । ଏସବୁକୁ ନେଇ କପିଳାସର ପରିବେଶ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି । ରାଜ୍ୟର ଅନ୍ୟ ଧାର୍ମିକ ପୀଠ ମା’ ସମଲେଶ୍ୱରୀ ମନ୍ଦିର ଓ ମା’ ତାରିଣୀ ମନ୍ଦିର ଭଳି କପିଳାସ ପୀଠରେ କମ୍ ଦରରେ ଭୋଗ ସାମଗ୍ରୀ ବିକ୍ରି କରିବା ପାଇଁ ପରିଷଦ ପକ୍ଷରୁ ଦାବି ହୋଇଛି । ସେହିପରି ସର୍ବସାଧାରଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଶୌଚାଳୟକୁ ମଧ୍ୟ ନିଲାମ କରି ଅର୍ଥ ରୋଜଗାର କରାଯାଉଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉନଥିବା ସେବାୟତ ସଂଘର ସମ୍ପାଦକ ଗୁରୁଚରଣ ମହାପାତ୍ର ଜଣାଇଛନ୍ତି । ଏହି ଅବ୍ୟବସ୍ଥାର ପ୍ରତିକାର କରିବା ପାଇଁ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ଦାବି କରାଯାଇଛି ।

# ସଚେତନତା ଟ୍ରାଫିକ୍ ସମସ୍ୟା ସମାଧାନର ବିକଳ୍ପ




ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ,୩୧।୧(ମାନସ ବିଶ୍ୱାଳ)**

## ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଅନୁଗୋଳ ସହରସ୍ଥିତ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ଜାନୁଆରୀ ୧ ତାରିଖରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସଚେତନତା ହିଁ ବର୍ଦ୍ଧିତ ଟ୍ରାଫିକ ସମସ୍ୟା ସମାଧାନର ଏକମାତ୍ର ବିକଳ୍ପ ବୋଲି ମତବ୍ୟକ୍ତ କରିଥିଲେ। ଟ୍ରାଫିକ୍ ନିୟମ ସମ୍ପର୍କରେ ଅଧିକରୁ ଅଧିକ ଜନସଚେତନତା ଏବଂ ଏହାର ଠିକ୍ କାର୍ଯ୍ୟକାରିତା ଦୁର୍ଘଟଣା ହାରରେ ସୁଧାର ଆଣିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଦ୍ୟାଳୟ/ମହାବିଦ୍ୟାଳୟସ୍ତରୀୟ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ୪ ଜଣ ଶ୍ରେଷ୍ଠ ଗାଡ଼ିଚାଳକ ଏବଂ ଦୁର୍ଘଟଣା ସମୟରେ ସାହାଯ୍ୟ କରିଥିବା ୧୧ ଜଣ ବ୍ୟକ୍ତି ବିଶେଷଙ୍କୁ ୨୦୦୦ ଟଙ୍କା ଲେଖାଏ ଅର୍ଥ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଉପ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ବାଗ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ସଡ଼କ ସୁରକ୍ଷା କମିଟି ସଦସ୍ୟ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଛାତ୍ରୀଛାତ୍ର, ଗାଡ଼ିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମର ସମସ୍ୟା ନେଇ ଖଣି ସୁରକ୍ଷା କର୍ତ୍ତୃପକ୍ଷଙ୍କ ସହ ବୈଠକ

**ତାଳଚେର,୩୧।୧ (ମନୋଜ ନନ୍ଦ)**

ଖଣି କାର୍ଯ୍ୟକଳାପ ଦ୍ୱାରା ତାଳଚେର ବ୍ଲକ ରଘୁନାଥପୁର ଗାଁରେ ସୃଷ୍ଟି ହେଉଥିବା ସମସ୍ୟା ନେଇ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ଅଧିକାରୀ ଗ୍ରାମବାସୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରିଥିଲେ। ଏମ୍‌ସିଏଲ୍ ଭୁବନେଶ୍ୱରୀ ଖଣି କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରିବା ଏହି ବୈଠକର ଲକ୍ଷ୍ୟ ରହିଥିଲା। ଖଣି କାରବାର ଯୋଗୁ ଘରେ ଫାଟ, କ୍ରମାଗତ କମ୍ପନ ଏବଂ ଭୟର ବାତାବରଣ ଥିବା ଗ୍ରାମବାସୀ ବୈଠକରେ ଅବଗତ କରାଇଥିଲେ। କୃଷ୍ଣେନ୍ଦୁ ମଣ୍ଡଳଙ୍କ ନେତୃତ୍ୱରେ (ଡିଜିଏମ୍‌ଏସ୍) ଗ୍ରାମବାସୀଙ୍କ ସମସ୍ୟାର ଅନୁସନ୍ଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସୁରକ୍ଷା ନିୟମ ମାନିବା ଏବଂ ଆଖପାଖ ସମ୍ପ୍ରଦାୟ ଉପରେ ଖଣି କାର୍ଯ୍ୟକଳାପର ପ୍ରଭାବକୁ କମ୍ କରିବାକୁ ପ୍ରତିବଦ୍ଧତା ଉପରେ ଡିଜିଏମ୍‌ଏସ୍ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ।

# ସୋନିଆ, ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

**ବଇଣ୍ଡା, ୩୧।୧ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଶୁକ୍ରବାର ସନ୍ଧ୍ୟାରେ ଭାଜପା ପକ୍ଷରୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂସଦରେ ଅଭିଭାଷଣ ରଖିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ସଂସଦ ବାହାରେ ସୋନିଆ ଓ ରାହୁଲ ଗାନ୍ଧୀ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପା ଅଭିଯୋଗ କରିବା ସହ ଏହାର ଘୋର ବିରୋଧ କରିଛି। ଏଥିସହ ବଇଣ୍ଡା ମଣ୍ଡଳ ଭାଜପା ପକ୍ଷରୁ ୫୫ ନମ୍ବର ଜାତୀୟ ରାଜପଥରେ ଆନ୍ଦୋଳନ କରାଯାଇ ଉଭୟଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପାର ନିର୍ବାଚନମଣ୍ଡଳୀ ସଂଯୋଜକ ଅଲେଖ ପ୍ରଧାନ, ବଇଣ୍ଡା ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ଧ୍ରୁବ ଚରଣ ସାହୁ, ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, କରୁଣାକର ପ୍ରଧାନ, ବୀର ନାରାୟଣ ପ୍ରଧାନ, ରାଜା ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ, ଗୋପୀନାଥ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ସେହିପରି ଆଠମଲ୍ଲିକ ଭାଜପା ତରଫରୁ ବିକ୍ଷୋଭ ସହିତ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ ପ୍ରତିନିଧି ପ୍ରକାଶ କୁମାର ସାହୁ, ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା, ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ନଗର ଭାଜପା ସଭାପତି ଶୈଳବାଳା ଅମାନ୍ତ, ଅଇଡା ମଣ୍ଡଳ ସଭାପତି ରଞ୍ଜିତ ମୁଣ୍ଡା, ଠାକୁରଗଡ଼ ମଣ୍ଡଳ ସଭପତି ସୁଜିତ ଦେହୁରୀ, ଯୁବନେତା ପିନା ପାଣିଗ୍ରାହୀ, ପ୍ରକଶ ସେଠୀ, ଅବନୀ କୁମାର ପ୍ରଧାନ, ସଂକୀର୍ତ୍ତନ ମେଣ୍ଟୁଲି ପ୍ରମୁଖ ସାମିଲ ହୋଇଥିଲେ।



ବଇଣ୍ଡା ଛକରେ ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# ତେଣ୍ଟୋଲୋଇ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିଗଣ।

**ଅନୁଗୋଳ,୩୧।୧(ମାନସ ବିଶ୍ୱାଳ)**

ବଣ୍ଠରପାଳ ବ୍ଲକ ତେଣ୍ଟୋଲୋଇ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ବାର୍ଷିକ ଉତ୍ସବ ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଦସ୍ୟା ସୁଶୀଳା ନାଏକ, କୁକୁଡାଙ୍ଗ ସରପଞ୍ଚ ପାରିଜାତ ସେଠୀ, ସାମାଜିକ କର୍ମୀ ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତପନ କୁମାର ନାଏକ ଓ ପୁରାତନ ଛାତ୍ର ସଂସଦ ସଭାପତି ଚିତ୍ତରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ରଶ୍ମିତା ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଣତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ୍ତ କୁମାର ବେହେରା, ଦିବ୍ୟରଞ୍ଜନ ଅମାନ୍ତ, ମାନସୀ ସାହୁ, ମ୍ରିଜୋଲିନ୍ ସାହୁ, ସଂଯୁକ୍ତା ନାୟକ, ଅମ୍ବିକା ପଧାନ, ସନାମଣି ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ମୃତ



ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି।

## ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଅନୁଗୋଳ,୩୧।୧(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଅନୁଗୋଳ ସଦର ଥାନା କୁମଣ୍ଡ ସାହୁପଡା ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ବେରେଣା ଗାଁର ମିତୁ ଭୋଇ। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ଲୋକେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ।

ସୂଚନା ଅନୁସାରେ ବଡ଼ବେରେଣା ଗାଁର ମିତୁ ଅନୁଗୋଳରୁ କାମ ସାରି ରାତିରେ ଘରକୁ ବାଇକ୍ (ନଂ. ଓଡି ୧୯ୟୁ ୫୦୭୭)ରେ ଫେରୁଥିବା ବେଳେ କୋଇଲା ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମିତୁଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବିକରି ମୃତଦେହ ରଖି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଜନବସତି ଭିତରେ କୋଇଲା ଲୋଡିଂ ଗାଡ଼ି ବନ୍ଦ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। କୋଇଲା ବୋଝେଇ କରୁଥିବା ଘରୋଇ କମ୍ପାନୀର ଗାଡ଼ି ଏହି ଦୁର୍ଘଟଣା ଘଟାଇଥିବାରୁ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ତମାଖୁ ସେବନରୁ ନିବୃତ୍ତ ରୁହନ୍ତୁ ଯୁବପିଢ଼ି




ସଚେତନତା ଶିବିରରେ ମଞ୍ଚାସୀନ ଅତିଥିମାନେ।

**ବନ୍ତଲା,୩୧।୧(ସୁଶିତ ସାହୁ)**

ତମାଖୁ ସେବନ ଦ୍ୱାରା କେତେବେଳେ ମାରାତ୍ମକ ରୋଗ ଗ୍ରାସ କଲା, ତାହା ଜାଣିବା ପୂର୍ବରୁ ମଣିଷର ଜୀବନ ଚାଲି ଯାଇଥାଏ। ତେଣୁ ଆଜିର ଯୁବପିଢ଼ି ତମାଖୁ ସେବନରୁ ନିବୃତ୍ତ ରହିବା ସହ ଅନ୍ୟକୁ ସଚେତନ କରିବାର ସମୟ ଆସିଛି। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ଡିଗ୍ରୀ କଲେଜ ଏନ୍‌ଏସ୍‌ଏସ୍ ସହଯୋଗରେ ବୁଧବାର ଅନୁଷ୍ଠିତ ତମାଖୁ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ଆକାଶ ଦେହୁରୀ ଛାତ୍ରୀଛାତ୍ରମାନଙ୍କୁ ଏହି ସଚେତନତା ବାର୍ତ୍ତା ଦେଇଛନ୍ତି। ଶିବିରରେ କଲେଜ ଅଧ୍ୟକ୍ଷ ପଦ୍ମଚରଣ ସାହୁ ସଭାପତିତ୍ୱ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଡା. ସତ୍ୟ ସୁନ୍ଦର ଦାଶ ଓ ଏନ୍‌ଏସ୍‌ଏସ୍ ମୁଖ୍ୟ ବବିତା ପ୍ରଧାନ ଯୋଗଦେଇ ଏକ ଭିଡିଓ ବାର୍ତ୍ତାରେ ତମାଖୁର ଅପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମିନତୀ ସାହୁ, ଗଙ୍ଗାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏକ କୁଇଜ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଅଧ୍ୟୟନ ସମୟ ହେଉଛି ଭବିଷ୍ୟତ ଗଢ଼ିବାର ସମୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ବଣ୍ଠରପାଳ, ୩୧।୧(ସୁବାସ ସାହୁ)**

ବଣ୍ଠରପାଳ ବ୍ଲକ ତୁରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସମରେନ୍ଦ୍ର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟୟନ ସମୟ ହେଉଛି ଭବିଷ୍ୟତ ଗଢ଼ିବାର ପ୍ରକୃଷ୍ଟ ସମୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ସୁଶୀଲ କୁମାର ନାଏକ ଯୋଗଦେଇ ଅଭିଭାବକମାନେ ପିଲାଙ୍କୁ ଭାରାକ୍ରାନ୍ତ ନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏବିଓ ସଞ୍ଜୀବ କୁମାର ଦେହୁରୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ସନ୍ତୋଷ କୁମାର ଥମ୍ବ, ସିଏମ୍‌ସି ସଭାପତି ଚୁକୁନ କୁମାର ସାମଲ, ପୂର୍ବତନ ପ୍ରଧାନ ଶିକ୍ଷକ କୁଳମଣି ସାହୁ, ସିଆର୍‌ସିସି କିଶୋର ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଶନି ମନ୍ଦିର ବାର୍ଷିକ ଉତ୍ସବରେ କଳସ ଯାତ୍ରା

**ତାଳଚେର,୩୧।୧ (ମନୋଜ ନନ୍ଦ)**

ତାଳଚେର ଦେଉଳବେଡ଼ା କୋଲିୟାରୀ ଶନି ମନ୍ଦିରର ବାର୍ଷିକ ଉତ୍ସବ ପାଳନ ଆରମ୍ଭ ହୋଇଛି। ଶୁକ୍ରବାର ତାଳଚେର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ବ୍ରାହ୍ମଣୀ ନଦୀ ଜଗନ୍ନାଥ ତୁଠରୁ ଶତାଧିକ ଶ୍ରଦ୍ଧାଳୁ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ମନ୍ଦିର ଯାଏ ଆସିଥିଲେ। ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି, ଚିତ୍ତ ରଞ୍ଜନ ପାଣି, ସାମାଜିକ କର୍ମୀ କ୍ଷୀରୋଦ ସାହୁ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ପ୍ରକାଶ ସାହୁ, ପ୍ରମୋଦ ସାହୁ, ନିରଞ୍ଜନ ପ୍ରଧାନ, କ୍ରିଷ୍ଣା ପ୍ରସାଦ, ଗୌର ଦାସ, ଗୌରାଙ୍ଗ ପ୍ରଧାନ, ଅଶୋକ ସାହୁ, ରଞ୍ଜନ ସାହୁ, ପ୍ରକାଶ ମୁଦୁଲି, ବିଜୟ ସାହୁ, ସୁଶାନ୍ତ ବିଶି, ଭୁବନ ସାହୁ, ପ୍ରଦୀପ ମହାରଣା, ବିଦ୍ୟାଧର ସେଠୀ, ମନୋରଞ୍ଜନ ନନ୍ଦ, ବିନ୍ଦା ସିଂ, ବିଶୁ ପ୍ରଧାନ, ଶତ୍ରୁଘ୍ନ ବାରିକ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଶନିବାର ଯଜ୍ଞ କାର୍ଯ୍ୟ ପରେ ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି ଦିଆଯିବ। ସନ୍ଧ୍ୟା ୭ଟା ୩୦ରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

# ସୋନିଆ, ରାହୁଲଙ୍କ ବିରୋଧରେ ଭାଜପାର ବିକ୍ଷୋଭ



ଅନୁଗୋଳ ରାଜା ଛକଠାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅନୁଗୋଳ,୩୧।୧(ମାନସ ବିଶ୍ୱାଳ)**

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସଂସଦ ଭବନ ବାହାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ଅନୁଗୋଳ ଭାଜପା ପକ୍ଷରୁ ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ସନ୍ଧ୍ୟାରେ ରାଜା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି, ସୋନିଆ ଏବଂ ରାହୁଲ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଏହି ବୟାନ କଂଗ୍ରେସର ସାମନ୍ତବାଦୀ ମାନସିକତାକୁ ଦର୍ଶାଉଛି। ସେମାନଙ୍କ ଅହଂକାର ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟରୁ ଆସିଥିବା ରାଷ୍ଟ୍ରପତିଙ୍କ ପ୍ରତି ନିରାଶାକୁ ପ୍ରତିଫଳିତ କରୁଛି। କଂଗ୍ରେସ ଚିନ୍ତାଧାରା ସବୁବେଳେ ଏସ୍‌ସି-ଏସ୍‌ଟି-ଓବିସି ବିରୋଧୀ ରହିଆସିଛି। ଦେଶର ସର୍ବୋଚ୍ଚ ପଦବୀରେ ରହିଥିବା ଦଳିତ, ଅବହେଳିତ ଓ ପଛୁଆ ସମ୍ପ୍ରଦାୟର ଲୋକମାନଙ୍କୁ କଂଗ୍ରେସ ନେତାମାନେ କେବେ ବି ବରଦାସ୍ତ କରିପାରିବେ ନାହିଁ। କଂଗ୍ରେସ କେବଳ ଏସ୍‌ଟି ସମ୍ପ୍ରଦାୟକୁ ଅପମାନିତ କରିନାହିଁ ବରଂ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅସମ୍ମାନ କରିଛି। ଜଣେ ମହିଳା ଏବଂ ଓଡ଼ିଶାକୁ ଅପମାନିତ କରିଛି। ରାଷ୍ଟ୍ରପତିଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବାରୁ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ କ୍ଷମା ମାଗିବା ଦରକାର ବୋଲି ଭାଜପା ପକ୍ଷରୁ କୁହାଯାଇଛି।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

**ପବିତ୍ରନଗର,୩୧।୧(ନିରୋଜ ପ୍ରଧାନ)**

କଣିହାଁ ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଏଥିରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ଦେବଦତ୍ତ ପ୍ରଧାନ, ଜିଲା ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦେବାଶିଷ ସାହୁ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ବିଷୟରେ ଉପସ୍ଥିତ ଯୁବତୀଯୁବକଙ୍କ ସହିତ ଆଲୋଚନା କରିଥିଲେ। ଏହି ଶିବିରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତିବଦ୍ଧ ହୋଇଥିବା ୧୨ଟି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଏଥିସହିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୭୫ ଜଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ନିମନ୍ତେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ଶିବିରରେ ମୋଟ ୨୪୫ ଆଶାୟୀ ଛାତ୍ରୀଛାତ୍ର ଓ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ଏଥିରୁ ୨୨୫ ଜଣ ବୈଷୟିକ ତାଲିମ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରମୋଦ ବେହେରା ମଞ୍ଚ ପରିଚାଳନା କରିଥିଲେ। କନିଷ୍ଠ ନିୟୋଜନ ଅଧିକାରୀ ରିଙ୍କୁ ନାୟକ, ଜିଲା ଦକ୍ଷତା ବିକାଶ ଓ ନିୟୋଜନର ସ୍ୱତନ୍ତ୍ର ଅଧିକାରୀ ବିଶ୍ୱଜିତ ପଣ୍ଡା ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।




ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ମଞ୍ଚାସୀନ ଜନପ୍ରତିନିଧି ଓ ଅଧିକାରୀମାନେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

**ଅନୁଗୋଳ,୩୧।୧(ମାନସ ବିଶ୍ୱାଳ)**

ଅନୁଗୋଳ ଏଡିଜେ କମ୍ ସ୍ପେଶାଲ ଜଜ୍ ସୌମ୍ୟା ଶୁଭଦର୍ଶିନୀ ଶୁକ୍ରବାର ଏକ ନାବାଳକ ବଳାତ୍କାର ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ କିଶୋରନଗର ଥାନା ଅଞ୍ଚଳର ଚେରଙ୍ଗା ମାହାର (୨୬)ଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୨ ଜୁଲାଇ ୧୧ରେ ସମ୍ପୃକ୍ତ ନାବାଳକ ପିଲାମାନଙ୍କ ସହ ଖେଳୁଥିବା ବେଳେ ଅଭିଯୁକ୍ତ ମାହାର ତାଙ୍କୁ ଗାଁ ପାଖ ଜଙ୍ଗଲକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳକଙ୍କୁ ଖୋଜି ତାଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଅଭିଯୁକ୍ତ ଜଣକ ସେଠାରୁ ପଳାଇଯାଇଥିଲେ। ପରେ ଗାଁ ମୁଖିଆଙ୍କ ପରାମର୍ଶ କ୍ରମେ ଏ ନେଇ କିଶୋରନଗର ଥାନାରେ ନାବାଳକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୧୫/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ପ୍ରକଳ୍ପ କାର୍ଯ୍ୟର ବିଲ୍ ପଇଠ ହେଉନି

- ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ
- କାର୍ଯ୍ୟାଳୟ ଘେରାଉ ପାଇଁ ଦେଲେ ଚେତାବନୀ
- ବିଡିଓ କହିଲେ ଶୀଘ୍ର ପଦକ୍ଷେପ ନିଆଯିବ

**ବଇଣ୍ଡା,୩୧।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁ ବଇଣ୍ଡା ପଞ୍ଚାୟତ ବଇଣ୍ଡା ଅଞ୍ଚଳରେ ଥିବା ଶନି ମନ୍ଦିର ଗୋଷ୍ଠୀକେନ୍ଦ୍ର ନିର୍ମାଣର ବିଲ୍ ପଇଠ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ବିଲ୍ ପାଇଁ ବାରମ୍ବାର ଆବେଦନ କଲେ ମଧ୍ୟ ବ୍ଲକ ପ୍ରଶାସନ ଏ ନେଇ ଉଦ୍ୟମ କରୁ ନ ଥିବା ବେଳେ ପିସି ମଗାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଅଞ୍ଚଳବାସୀ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି।

ଅଭିଯୋଗପତ୍ରରେ ଅଞ୍ଚଳବାସୀ ଦର୍ଶାଇଛନ୍ତି, ଶନି ମନ୍ଦିର ନିକଟରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ୨୦୨୨ରେ ତତ୍କାଳୀନ ବିଧାୟକ ରମେଶ ଚନ୍ଦ୍ର ସାଏ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡ଼ିଶା ସରକାରଙ୍କ କ୍ରିଟିକାଲ ଟ୍ୟାପ ଫଣ୍ଡରୁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଲାଗି ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ




ଦିଆଯିବା ପରେ କାମ ଆରମ୍ଭ ହୋଇଥିଲା। ୨ ଲକ୍ଷ ଟଙ୍କାର କାମ ହୋଇସାରିଥିବା ବେଳେ ବିଲ୍ ପାସ କରାଯାଉନାହିଁ। ବିଲ୍ ପଇଠ ପାଇଁ ଅଞ୍ଚଳବାସୀ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରଶାସନର ଜଣେ ଅଧିକାରୀ ୪୦ ହଜାର ଟଙ୍କା ପିସି ମାଗୁଛନ୍ତି। ତୁରନ୍ତ ଉକ୍ତ ପ୍ରକଳ୍ପର ବିଲ୍ ପାସ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ଉକ୍ତ ପ୍ରକଳ୍ପର ମଞ୍ଜୁର ହୋଇଥିବା ଟଙ୍କା ଫେରିଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏହି କାମ ପାଇଁ କୌଣସି ପିସି ମଗା ଯାଇନାହିଁ। ବିଲ୍ ପାସ ପାଇଁ ପଦକ୍ଷେପ ନିଆଯିବ।

